# Akashvani, Sambalpur

# SAMBALPURI NEWS MORNING BULLETIN

## 10 June 2026 - 6.47- 6.52 am.

---

ମେଡ଼ିକାଲ୍ କଲେଜ୍- ପଦ୍‌ବୀ/ଆର୍‌ଏନ୍‌ୟୁ ସମ୍ବଲପୁର/ଆଇ ଆଣ୍ଡ୍ ପି.ଆର୍

ରାଏଜେ ସର୍‌କାରୀ ମେଡ଼ିକାଲ୍ କଲେଜ୍ ନ ଶିକ୍ଷାଦାନ୍ ଆଉ ରୋଗୀସେବାକେ ବର୍‌କସ୍ କର୍‌ବାର୍ ଲାଗି ୭ ଶହ ୫୫ ଟା ନୂଆଁ ପଦ୍‌ବୀକେ ସର୍‌କାର୍ ମଞ୍ଜୁରୀ ଦେଇଛନ୍ । ମଞ୍ଜୁର୍ ହେଇଥିବା ପଦ୍‌ବୀ ଭିତ୍‌ରେ ୭ ଟା ପ୍ରଫେସର୍, ୩୫ ଟା ଏସୋସିଏଟ୍ ପ୍ରଫେସର୍, ୫୦ ଟା ଏସିଷ୍ଟାଂଟ୍ ପ୍ରଫେସର୍ ଟ୍ୟୁଟର୍, ୨ ଶହ ୪୮ ସିନିୟର୍ ରେସିଡେଂଟ୍, ଶହେ ୯୦ ଜୁନିୟର୍ ରେସିଡେଂଟ୍, ଶହେ ୧୨ ଟା କାଜୁଆଲ୍‌ଟି ମେଡ଼ିକାଲ୍ ଅଫିସର୍ ଆଉ ୪୮ ଟା ବ୍ଲଡ୍ ବେଙ୍କ୍ ଅଫିସର୍ ପଦ୍‌ବୀ ରହିଛେ ।

ସେନ୍ତା ଗୃହରକ୍ଷୀ ମାନ୍‌କର୍ ଦିନ୍‌କିଆ ଭତାକେ ଭିଲ୍ ୬ ଶହ ୩୯ ଟଙ୍କାନୁ ୬ ଶହ ୫୦ ଟଙ୍କାକେ ସର୍‌କାର୍ ବଢ଼େଇଛନ୍ । ଇ ବଢ଼ିଥିବା ଭତା ଗଲା ଜାନୁଆରୀ ୧ ତାରିଖ୍‌ନୁ ଲାଗୁ ହେବା ।

ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍‌ନୁ ନୂଆଦିଲ୍ଲୀ ଗସ୍ତଥି ଯାଇଛନ୍ । ଆଏଜ୍ ନୂଆଦିଲ୍ଲୀ ନ ଏନ୍‌ଡିଏ ଶାସିତ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀ ମାନ୍‌କର୍ ବୈଠକ୍‌ଥି ସେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ୧୨ ବଛର୍ ପୂର୍ତି ଅବ୍‌ସରେ ଭାରତ୍ ମଣ୍ଡପମ୍ ଠାନେ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ଭିଲ୍ ସେ ଯୋଗ୍ ଦେବେ । ଆଏବା କାଏଲ୍ ନୀତି ଆୟୋଗ୍ ପରିଚାଳନା ପରିଷଦ୍‌ର ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେଇକରି ଓଡ଼ିଶାର୍ ପକ୍ଷ ରଖିବେ ।

ମେଗା ପିଡବ୍ଲୁଏସ୍ ପ୍ରକଳ୍ପ ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

ଗ୍ରାମ୍ୟ ଉନ୍ନୟନ ଆଉ ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବିନାରାୟଣ୍ ନାୟକ୍ ଗଲାକାଏଲ୍ ରାଜ୍ୟ ଗ୍ରାମୀଣ୍ ଉନ୍ନୟନ୍

ପ୍ରତିଷ୍ଠାନ୍ ସମ୍ମିଳନୀ କକ୍ଷ ନ ରାଜ୍ୟର୍ ଭିନ୍ ଭିନ୍ ମେଗା ପାଇପଡ୍ ୱାଟର୍ ସପ୍ଲାଏ- ପିଡବ୍ଲୁଏସ୍ ପ୍ରକଳ୍ପ ମାନ୍କର୍ ସମୀକ୍ଷା କରିଛନ୍ । ଆଏବା ବଛର୍ ମାର୍ଚ୍ଚ ମାସ୍‌ତକ୍ ରାଜ୍ୟର୍ ସବୁ ପ୍ରକଳ୍ପ ମାନ୍‌କେ ପୁରା କର୍‌ବାର୍ ଲାଗି ସେ ନିର୍ଦ୍ଦେଶ୍ ଦେଇଛନ୍ । ରାଏଜେ ଏବ୍‌ତକ୍ ୩୬ ଟା ମେଗା ପିଡବ୍ଲୁଏସ୍ ପ୍ରକଳ୍ପ କାମ୍ ଶେଷ୍ ହେଇଛେ । ବାକି ଚାଲୁଥିବା ପ୍ରକଳ୍ପ ମାନ୍କର୍ କାମ୍‌କେ ତୁର୍‌ତି ସାରିକରି ସବୁ ପରିବାର୍‌କେ ସଫା ପିଇବାର୍ ପାଏନ୍ ଯୁଗାବାର୍‌କେ ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ଏସ୍‌ଆଇଆର     ଆଇ.ଆଣ୍ଡ୍.ପି.ଆର୍

ଭୋଟର୍ ତାଲିକାକେ ନିର୍ଭୁଲ୍ ଆଉ ସ୍ୱଚ୍ଛ କର୍‌ବାର୍ ଲାଗି ରାଏଜେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍‌ଆଇଆର୍ ଅଭିଯାନ୍‌ର ଗଲାକାଏଲ୍ ୧୧ ନମ୍ବର୍ ଦିନ୍ ସରିଛେ । ବେଲ୍‌ବୁଡ଼ାର୍ ୬ ବଜେତକ୍ ରାଏଜେ ମୋଟ୍ ୮୭ ଦଶ୍‌ମିକ୍ ୬/୬ ପ୍ରତିଶତ୍ ଫର୍ମ ବାଂଟ୍‌ବାର୍ କାମ୍ ଶେଷ୍ ହେଇଛେ ବଲି ରାଜ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ତରଫୁ ସୂଚ୍‌ନା ମିଳିଛେ । ଇତାର୍‌ଛଡ଼ା ଭୋଟର୍ ମାନେ ଚାହେଲେ ନିର୍ବାଚନ୍ କମିଶନ୍‌ଙ୍କର୍ ସର୍‌କାରୀ ୱେବ୍‌ସାଇଟ୍

voters.eci.gov.in ନୁ ଇ ଫର୍ମ ଡାଉନ୍‌ଲୋଡ୍ କରି କରି ନିଜର୍ ତଥ୍ୟ ଭରିକରି ନିଜେ ହିଁ ଅପ୍‌ଲୋଡ୍ କରିପାର୍‌ବେ ।

ବିଶ୍ୱ ଚକ୍ଷୁଦାନ୍ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ଚକ୍ଷୁଦାନ୍ ଲାଗି ତହଁକାବାର୍ ଆଉ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ବିଶ୍ୱ ଚକ୍ଷୁଦାନ୍ ଦିବସ୍ ପାଳନ୍ କରାଯାଉଛେ । ଲୁକ୍‌କର୍ ଜୀବନ୍‌କେ ଚକ୍ଷୁଦାନ୍‌ଥି ଉକିଆ କର୍‌ବାର୍ ଲାଗି ଫି' ବଛର୍ ଜୁନ୍ ମାସ ୧୦ ତାରିଖ୍ ଦିନ ଇ ଦିବସ୍ ପାଳନ୍ କରାଯାଏସି । ବୟସ୍, ଲିଙ୍ଗ, ଜାତି, ଧର୍ମ ନିର୍ବିଶେଷଥି ଯେକେନ୍‌ସି ଲୋକ୍ ଚକ୍ଷୁଦାନ୍ କରିପାର୍‌ବେ । ସ୍ୱେଚ୍ଛାସେବୀ ସଂଗଠନ୍, ସାଂସ୍କୃତିକ୍ ଅନୁଷ୍ଠାନ୍ ମାନ୍‌କର୍ ତର୍‌ଫୁ ଇ ଦିବସ୍ ପାଳନ୍ ଅବ୍‌ସରେ ଆଏଜ୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ । ଇ ବଛର୍ ଚକ୍ଷୁଦାନ୍ ଦିବସ୍‌ର ବାର୍ତା ରହିଛେ 'ଚକ୍ଷୁଦାନ୍ କରୁନ୍- ଦୃଷ୍ଟି ଉପହାର୍ ଦଉନ୍- ଜୀବନ୍‌କେ ପରିବର୍ତନ୍ କରୁନ୍' ।

ଗ୍ଲୋବାଲ୍ ସାଇନ୍ସ ଇଣ୍ଡେକ୍ସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଗବେଷଣା ଆଉ ନବସୃଜନ୍ କ୍ଷେତ୍ରଥି ସମ୍ବଲ୍ପୁର୍ ବିଶ୍ୱବିଦ୍ୟାଳୟ ଫେର୍‌ଥରେ ଜାତୀୟ ଆଉ ଅନ୍ତର୍ଜାତୀୟ ସ୍ତର୍‌ଥି ଗୌରବ୍ ଆନିଛେ । ବିଶ୍ୱ ବିଦ୍ୟାଳୟର୍ ୬ ଝନ୍ ବିଶିଷ୍ଟ ବୈଜ୍ଞାନିକ୍ ଗ୍ଲୋବାଲ୍ ସାଇନ୍ସ ଇଣ୍ଡେକ୍ସ -୨୦୨୬ ଥି ଠାନ୍ ପାଇଛନ୍ ।

ବିଶ୍ୱବିଦ୍ୟାଳୟର୍ ସୂଚନା ଅନ୍‌ସାରେ ଗବେଷଣାର ଗୁଣାବତା, ଆନ୍ତର୍ଜାତିକ୍ ସ୍ତର୍‌ଥି ପ୍ରକାଶିତ୍ ଗବେଷଣା ପତ୍ର, ଉଦ୍ଧୃତି ସଂଖ୍ୟା ଆଉ ଶିକ୍ଷାଗତ ଅବଦାନ୍‌କେ ଆଧାର୍ କରିକରି ଇ ରେଙ୍କିଙ୍ଗ୍ ତିଆର୍ କରାଯାଏସି ।

ଦିଗ୍‌ଦର୍ଶନ୍ କର୍ମଶାଳା ସୁବର୍ଣ୍ଣପୁର୍ ସମ୍ବାଦଦାତା

ଜିଲ୍ଲାସ୍ତର୍ ନ ଭିନ୍ ଭିନ୍ ବିଭାଗ୍‌ର ତାଲ୍‌ମେଲ୍‌ଥି ସୁବର୍ଣ୍ଣପୁର୍ ଜିଲ୍ଲା ନ କେନ୍ତାକରି ବାଲ୍ୟବିବାହ ରୁକାଯାଇପାର୍‌ବା, ସେ ବିଷେଥି ଗୁଟେ ଦିଗ୍‌ଦର୍ଶନ୍ କାର୍ଯ୍ୟକ୍ରମ୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ହେଇଯାଇଛେ । ୟୁନିସେଫ୍ ଭୁବ୍‌ନେଶ୍ୱର୍ ଆଉ ଜିଲ୍ଲା ପ୍ରଶାସନ୍‌ର ସହଯୋଗ୍‌ଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁ ଅଧ୍ୟକ୍ଷତା କରିକରି ବାଲ୍ୟବିବାହ ବାବଦ୍ ଘଟ୍‌ନାଥି ଆଇନ୍

ପ୍ରୟୋଗ୍ ସହେତେ ମାନବିକ୍ ଦୃଷ୍ଟିକୋଣକେ ଭିଲ୍ ସମାନ୍ ଜୋର୍ ଦେବାର୍ ବାବ୍‌ଦେ କହିଥିଲେ ।

ଜିଲ୍ଲାପାଲ୍ ବୈଠକ୍        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ମିଶନ୍ ଶକ୍ତି ଆଉ ଓଡ଼ିଶା ଜୀବିକା ମିଶନ୍‌ର ଜିଲ୍ଲାସ୍ତରୀୟ ସମୀକ୍ଷା ଆଉ ଯୋଜନା ବୈଠକ୍ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଯାଇଛେ । ବୈଠକ୍‌ଥି ସ୍ୱୟଂ ସହାୟକ ଗୋଷ୍ଠୀ, କ୍ଲଷ୍ଟର୍ ଲେବଲ୍ ଫେଡ଼େରେସନ୍, ଲକ୍ଷପତି ଦିଦି ତିଆର୍ କର୍‌ବାର୍, ବେଙ୍କ୍ ଲିଙ୍କେଜ୍, ପ୍ରବାସୀ ଶ୍ରମିକ୍ ପରିବାର୍ ସାହାଜ୍, ଗ୍ରାମୀଣ୍ ଜୀବିକା କାର୍ଯ୍ୟକ୍ରମ୍‌ର ଅଗ୍ରଗତିର୍ ସମୀକ୍ଷା କରାଯାଇଥିଲା । ଜିଲ୍ଲାପାଲ୍ ଜିଲ୍ଲାର୍ ୫ ଟା ବ୍ଲକ୍‌ନୁ ଅତି କମ୍‌ଥି ଶହେ ଝନ୍ ମହାଲକ୍ଷପତି ଦିଦି ତିଆର୍ କର୍‌ବାର୍‌କେ ଲକ୍ଷ୍ୟ ଧାରିଜ୍ କରିକରି ଇଥିର୍‌ଲାଗି ଖାସ୍ କାର୍ଯ୍ୟ ଯୋଜ୍‌ନା ତିଆର୍ କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦେଇଥିଲେ ।

ଲିଗାସି ଆଇସ୍ ସ୍କେଟିଂ ଚାମ୍ପିଆନ୍‌ସିପ     ଆର୍‌ଏନ୍‌ୟୁ/ ସମ୍ବଲପୁର

ୟୁଏଇ ନ ଆୟୋଜିତ ହେଇଥିବା ଜାହାରା ଲାରି ଲିଗାସି ଆଇସ୍ ସ୍କେଟିଂ ଚାମ୍ପିଆନ୍‌ସିପ୍‌ଥି ସମ୍ବଲପୁର୍‌ର ସାନ୍‌ୱି ପାଣିଗ୍ରାହୀ ବ୍ରୋଂଚ୍ ପଦକ୍ ହାସଲ୍ କରିଛନ୍ । ଇ ପ୍ରତିଯୋଗିତା ଗଲା ୭ ତାରିଖ୍ ଦିନ ଆୟୋଜିତ୍ ହେଇଥିଲା । ସାନ୍‌ୱି ଝନେ ନ ଭାରତୀୟ ଭାବେ ଇ ପ୍ରତିଯୋଗିତାଥି ଭାଗ୍ ନେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏବା ୩ ଦିନ୍ ଭିତ୍‌ରେ ରାଜ୍ୟର୍ କିଛିଟା ଇଲାକାକେ ପୁହୁଁଚିବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲା ନ କାଲ୍‌ବୈଶାଖୀର୍ ବଲେ ବର୍ଷାର୍ ସମ୍ଭାବନା ଅଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଏବା ୩ ଦିନ୍‌ତକ୍ ରାଜ୍ୟର୍ ଦିନର୍ ସବୁନୁ ଜହ ତାପମାତ୍ରାଥି କେନ୍‌ସି ପରିବର୍ତନ୍ ନାଇଁ ହୁଏ । ତାର୍ ଉତ୍‌ରୁ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ କମିପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।